## ଘର ଭାଙ୍ଗି ଧାନଚାଉଳ ନଷ୍ଟକଲେ ହାତୀ



ତୁରୁମୁଙ୍ଗା, ୨୬।୪(ସମିସ): କିଛି ଦିନ ବ୍ୟବଧାନ ପରେ ପୁଣି ପାଟଣା ରେଞ୍ଜକୁ ଫେରିଛନ୍ତି ୪ ଦନ୍ତା ହାତୀ। ବିଳମ୍ବିତ ରାତିରେ ଏହି ହାତୀପଲ ସାହାରପଡ଼ା ସେକ୍ସନରୁ ଆସି ତୋଣ୍ଡ ବିଟ୍ ବଣମହୁଲଡିହା ଗ୍ରାମରେ ପଶିଥିଲେ। ଗ୍ରାମର ନନ୍ଦିନୀ ମହାକୁଡ଼ଙ୍କ ଘର ଭାଙ୍ଗିବା ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ପରିବାର ଲୋକେ ଘରେ ଶୋଇଥିବା ସମୟରେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏବେ ଏହି ହାତୀପଲ ଅଟେଇ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଡେରା ପକାଇଥିବା ବେଳେ ବନବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛି।

## ବାରିଗାଁ ସଂଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଆନନ୍ଦପୁର, ୨୬।୪ (ସମିସ): ବାରିଗାଁ ହରିହର ସଂଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଉପଦେଷ୍ଟା ମଦନ ପାଣିଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ମା' ସାରଳାଙ୍କ ବନ୍ଦନା ଗାନ କରିଥିଲେ। ଏହି ଅବସରରେ ସଙ୍ଗୀତ ଗୁରୁ ହରିହର ଜେନାଙ୍କ ଜନ୍ମ ଦିନକୁ ସମସ୍ତ ଛାତ୍ରଛାତ୍ରୀ ଆନନ୍ଦ ଉଲ୍ଲାସରେ ପାଳନ କରିଥିଲେ। ପ୍ରଥମେ ଜନ୍ମଦିନ ମିଠା ବଣ୍ଟନ ଏବଂ ଗୁରୁଶ୍ରୀ ଜେନାଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଗରିକା ପହି, ଦୀପ୍ତିମୟୀ ସାହୁ, କୁନୁ ପଲତା ମନୀଷା ଜେନା, ଝୁନୁଲତା ସାହୁ, ତୃପ୍ତିମୟୀ ସାହୁ, ଲୋପାମୁଦ୍ରା ସାହୁ, ରାଜୀବ ଲୋଚନ ସାହୁ, କୁମୁଦିନୀ ସାହୁକୁମାର ସାହିରିଦ୍ ମିନତୀ ସାହୁ ଓ ସତ୍ୟ ସ୍ୱାଗତ ପହି ପ୍ରମୁଖ ଉପସ୍ଥିତ ଥିଲେ।

## କେରଳା ଇଂରାଜୀ ବିଦ୍ୟାଳୟରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ




ବାଲିବନ୍ଧ, ୨୬।୪(ସମିସ): ଝୁମ୍ପୁରା, ଖେଣ୍ଡରାସ୍ଥିତ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପରିସରରେ ଶନିବାର ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଥିଲା। ଗତ ଶିକ୍ଷାବର୍ଷ (୨୦୨୫-୨୬) ସିବିଏସ୍‌ଇ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟ ତରଫରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ବିଦ୍ୟାଳୟର ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ କୋମଳ ସିହ୍ନା ( ୯୩.୬% ), ଛାତ୍ର ଅନିଶ୍ ଗିରି (୯୨.୪%) ଏବଂ ରିମ୍ବା ରିଜ୍ୱାନ୍ ( ୯୧%) ଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷା ଶୁଭ୍ରା ମହାନ୍ତି ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦେବଦତ୍ତ ମିଶ୍ର ସ୍ୱାଗତ ଭାଷଣ ପୂର୍ବକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ ଗହଣରେ କୃତୀ ଛାତ୍ରଛାତ୍ରୀମାନେ ନିଜର ସଫଳତା, ପରିଶ୍ରମ ଅନୁଭୂତି ଓ ଅଧ୍ୟବସାୟ ଉପସ୍ଥାପନ କରିବା ସଙ୍ଗେ ସଙ୍ଗେ ଆଗାମୀ ପିଢ଼ିର ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ସଭାରେ ଉପସ୍ଥିତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକଅଭିଭାବିକା ଓ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅତା ଅନୁକୂଳ ସତ୍‌ସଙ୍ଗୀଙ୍କ ଦେହାନ୍ତ



ଆନନ୍ଦପୁର, ୨୬।୪ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅତା ଗ୍ରାମର ଠାକୁର ଶ୍ରୀ ଅନୁକୂଳଚନ୍ଦ୍ର ସତସଙ୍ଗୀ ଏକାଦଶୀ ନାଥ (୭୩ ବର୍ଷ)ଙ୍କର ଦେହାନ୍ତ ହୋଇଯାଇଛି। ସେ ରକ୍ତଚାପ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ହୋଇ ପ୍ରାଣବାୟୁ ଉଡ଼ିଯାଇଥିଲା। ତାଙ୍କ ମୃତ୍ୟୁ ଖବର ପାଇ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶବ ଶୋଭାଯାତ୍ରାରେ ଯୋଗ ଦେଇ ଶେଷ ଦର୍ଶନ କରିଥିଲେ। ସେ ଜଣେ ଆଧ୍ୟାତ୍ମିକବାଦୀ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଦୁଃଖ ପ୍ରକାଶ ପାଇଛି।

### ବିପଦରେ ରେମାଳ ଜଳସେଚନ ପ୍ରକଳ୍ପ

# ରକ୍ଷଣାବେକ୍ଷଣ ଅନୁଦାନ ହରିଲୁଟ୍ ଅଭିଯୋଗ



ଆନନ୍ଦପୁର,୨୬।୪ (ସମିସ): କେନ୍ଦୁଝରେ ଜିଲ୍ଲାର ରେମାଳ ଜଳସେଚନ ପ୍ରକଳ୍ପ ଦିନକୁ ଦିନ ଦୁର୍ବଳ ହୋଇପଡୁଛି। ପ୍ରତିବର୍ଷ ମରାମତି ଓ ରକ୍ଷଣାବେକ୍ଷଣ ନାଁରେ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଡ୍ୟାମ ଓ ବନ୍ଧ ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଏଥିପ୍ରତି ବିପଦ ଥିବା ଅଭିଯୋଗ ହୋଇଛି। ଜଳଭଣ୍ଡାରରେ ପାଣି ରହୁ ନଥିବାରୁ ଏହି ଡ୍ୟାମବନ୍ଧରେ ଗର୍ତ୍ତ ହୋଇଥିବା ସନ୍ଦେହ ହୋଇଛି। ଚାଷଜମିକୁ ଜଳସେଚନ କରିବା ପାଇଁ ସରକାର ଆବଶ୍ୟକ ଅନୁଦାନ ଯୋଗାଇ ଦେଉଥିଲେ ମଧ୍ୟ କିଛି ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ ପାଇଁ ଏହି ଅନୁଦାନର ସଦୁପଯୋଗ ହୋଇପାରୁନାହିଁ। ପ୍ରତିବାଦରେ କେତେକ ଚାଷୀ ଜଳସମ୍ପଦ ବିଭାଗ ସଚିବଙ୍କୁ ଦାବିପତ୍ର ପ୍ରଦାନ କରି ଏହାର ତଦନ୍ତ ଦାବି କରିଛନ୍ତି। ଗତ ୨୦୨୪/୨୫ ଆର୍ଥିକ ବର୍ଷରେ ପ୍ରାୟ ୫୦ ଲକ୍ଷ ଟଙ୍କାର ମରାମତି କାର୍ଯ୍ୟ କରାଯାଇଥିବା ଦର୍ଶାଯାଇଥିବା ବେଳେ ଅନୁଦାନର ବିନିଯୋଗରେ ଆଖିବୁଜା ଦୁର୍ନୀତି ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ କିଛିଦିନ ତଳେ ବିଜେପି ନେତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ କରିଥିଲେ। ବିଭାଗୀୟ ଯନ୍ତ୍ରୀଙ୍କୁ ତାଗିଦ ମଧ୍ୟ କରିଥିଲେ। ହେଲେ ସ୍ଥାନୀୟ କିଛି ଠିକାଦାରମାନେ ନିର୍ମାଣ କାର୍ଯ୍ୟକୁ ହାତେଇ ନେଇ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି। କାରଣ ବନ୍ଧରେ ଲିକେଜ ଥିବାରୁ ଜଳଭଣ୍ଡାରରେ ପାଣି ରହୁ ନଥିବା ଅନୁମାନ କରାଯାଉଛି। ଏହାର ଏକ ଉଚ୍ଚସ୍ତରୀୟ ଜଦନ୍ତ କରାଯିବାକୁ ଦାବି ହେଉଛି।

## ଆନନ୍ଦପୁର ଲେଖକ ସମବାୟ ସମିତିର ବାର୍ଷିକ ଉତ୍ସବ



ଆନନ୍ଦପୁର, ୨୬।୪ (ସମିସ): ଆନନ୍ଦପୁର ଲେଖକ ସମବାୟ ସମିତିର ଚତୁର୍ଦ୍ଦଶ ବାର୍ଷିକଉତ୍ସବଆନନ୍ଦପୁରଉପଜିଲ୍ଲାପାଳତଥାସମିତିରସଭାପତିନୀଳମାଧବସୁନାଙ୍କ ପୌରୋହିତ୍ୟରେଅନୁଷ୍ଠିତ ହୋଇଯାଇଛି। କନକମଞ୍ଜରୀ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ଏ ବର୍ଣ୍ଣାଢ୍ୟ ଉତ୍ସବକୁ ଘସିପୁରାର ବିଧାୟକ ବଦ୍ରିନାରାୟଣ ପାତ୍ର ଉଦ୍‌ଘାଟନ କରି ସମବେତ କବି ଲେଖକଙ୍କୁ ଅଧିକରୁ ଅଧିକ ଲେଖିବା ପଢିବା ପାଇଁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ରାମଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ସମିତିର ମୁଖପତ୍ର "ଅବର୍ଣ୍ଣା' ଲୋକାର୍ପିତ ହେବା ସହ କବି ପ୍ରଫୁଲ୍ଲ ଚକ୍ରଙ୍କ ସଂଯୋଜନାରେ ବିଭିନ୍ନ ଜିଲ୍ଲାର ୬୨ ଜଣ କବି ସେମାନଙ୍କ ସ୍ୱରଚିତ କବିତାମାନ ଆବୃତ୍ତି କରିଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟଅତିଥି ଭାବେ ଡକ୍ଟର ବାବାଜୀଚରଣ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ କବି ସୁରେଶ କୁମାର ନାୟକ ଓ ବିଶେଷ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷା ସୌଭାଗ୍ୟମୟୀ ନାୟକ ଯୋଗ ଦେଇଥିଲେ। ଏହି ଅବକାଶରେ ଗାଳ୍ପିକ ଅମିୟବେଜଙ୍କ "ଗାଭାସ୍କର' କବି ତଥା ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଜେନାଙ୍କ "ଅନେକ ଆଖିର ଆକାଶ' ଓ ଲେଖକ ଏବଂ ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସାହୁଙ୍କ "ରମୁର ମନକଥା ବୁଝିଲା ରାଜା' ଉନ୍ମୋଚିତ ହୋଇଥିଲା। ଚଳିତ ବର୍ଷ ପାଇଁ ଆନନ୍ଦପୁର ସାରସ୍ୱତ ସ୍ୱତନ୍ତ୍ର କବିତା ସମ୍ମାନ, କନ୍ଧମାଳର କବି ପତିତପାବନ ରାଉତ ଓ ଯାଜପୁରର ବରିଷ୍ଠ କବି ପୂର୍ଣ୍ଣ ଦାସଙ୍କୁ ପ୍ରଦାନ କରାଯିବା ସହ ଆନନ୍ଦପୁରର ସାରସ୍ୱତ ଗଳ୍ପ ସମ୍ମାନ ଅମିୟ ବେଜ, ସାରସ୍ୱତ କବିତା ସମ୍ମାନ ନିରୁପମା ବେହେରା ଓ ସମିତି ସମ୍ବର୍ଦ୍ଧନା କବି ଦିଲ୍ଲୀପ ସାହୁଙ୍କୁ ଅର୍ପଣ କରାଯାଇଥିଲା। ଏ ସମ୍ବର୍ଦ୍ଧନା ପର୍ବକୁ କବି ଡ. ଅଶୋକ ପୁହାଣ ଓ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ ପ୍ରଦୀପ ମହାନ୍ତି ପରିଚାଳନା କରିଥିଲେ। ରାଜ୍ୟସ୍ତରୀୟ ଅତିଥି କବି ଭାବେ ପ୍ରବୀଣ କବି, ଶୁଭଶ୍ରୀ ମହାରଣା, ଐଶ୍ୱର୍ଯ୍ୟା ରାଉତ ଓ ଜିତୁ ପ୍ରଧାନ କବିତା ଆବୃତ୍ତି କରିଥିଲେ। ସମିତିର ସଂପାଦକ ରତ୍ନାକର ଦାସ ସଂପାଦକୀୟ ବିବରଣୀ ପାଠ କରିବା ସହିତ ମଞ୍ଚ ସଂଯୋଜନା କରିଥିଲେ। ବରିଷ୍ଠ ଉପଦେଷ୍ଟା ରମାକାନ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ କମିଟି ସଦସ୍ୟ କୀର୍ତ୍ତନ ସାହୁ ସ୍ୱାଗତ ଭାଷଣ ଓ କୋଷାଧ୍ୟକ୍ଷ ଅନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଇପାଳରେ ଗୋଣ୍ଡ ସମାଜର ସାଂସ୍କୃତିକ ଉତ୍ସବ




ଆନନ୍ଦପୁର, ୨୬।୪ (ସମିସ): ଗୋଣ୍ଡ ସାଂସ୍କୃତିକ ସମାଜ ଓଡ଼ିଶା ଦ୍ୱାରା ଅନୁବନ୍ଧିତ କେନ୍ଦୁଝର ଶାଖା ଆନୁକୂଲ୍ୟରେ ଆନନ୍ଦପୁର ବ୍ଲକ କଣ୍ଟିପାଳ ପଞ୍ଚାୟତ ରାଇପାଳ ଗ୍ରାମରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହଙ୍କ ସଭାପତିତ୍ୱରେ ଉପଦେଷ୍ଟା ପାଟଣାର ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ଜିଲ୍ଲା କମିଟି ବରିଷ୍ଠ ସଦସ୍ୟ ସୁଶାନ୍ତ କୁମାର ନାଏକ, ଉପଦେଷ୍ଟା ହରେକୃଷ୍ଣ ନାୟକ, ଜିଲ୍ଲା ସଦସ୍ୟ ବୃଷକେତୁ ନାୟକ, ବ୍ରହ୍ମାନନ୍ଦ ଦେହୁରୀ, ଚନ୍ଦ୍ରଶେଖର ନାୟକ, ମୟୂରଭଞ୍ଜ ଜିଲ୍ଲା ଧାତିକିଡିହା ସରପଞ୍ଚ କରୁଣାକର ନାୟକ ଯୋଗଦେଇ ଗୋଣ୍ଡସମାଜରଉନ୍ନତିପାଇଁବିଭିନ୍ନପରାମର୍ଶଦେଇଥିଲେ। ସହସମ୍ପାଦକ ବାସୁଦେବ ସିଂହ, ଅଜୟ ନାୟକ, ପୂର୍ଣ୍ଣିମା ନାୟକ, ବିଦ୍ୟାଧର ନାୟକ, ଇଶ୍ୱରଚନ୍ଦ୍ର ନାୟକ, ନିରଞ୍ଜନ ନାୟକ ପ୍ରମୁଖ ପରିଚାଳନା କରିଥିଲେ। କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରୁ ସଦସ୍ୟ ସାମିଲ ହୋଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବରୋଦା ବ୍ୟାଙ୍କ ଭିଡୁଛି ଅଘୋଷିତ ସୁଧ




ଆନନ୍ଦପୁର, ୨୬।୪(ସମିସ): ମହିଳା ଗୋଷ୍ଠୀଙ୍କୁ ବ୍ୟାଙ୍କ କାରବାରରେ ସମସ୍ତ ପ୍ରକାର ସୁବିଧା ପ୍ରଦାନ କରାଯାଉଛି। ଏପରିକି ସେମାନଙ୍କ ଋଣରେ ସୁଧ ଅର୍ଥକୁ ରାଜ୍ୟ ସରକାର ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରୁଛନ୍ତି। ତେବେ ଆଞ୍ଚଳିକ ବ୍ୟାଙ୍କ ଗୁଡିକ ମହିଳା ଗୋଷ୍ଠୀଙ୍କୁ ସୁଧ ଭିଡ଼ି ଶୋଷଣ କରୁଥିବା ଅଭିଯୋଗ ହୋଇଛି। ଘସିପୁରାରେ ଥିବା ବ୍ୟାଙ୍କ ଅଫ୍ ବରୋଦା ଆନନ୍ଦପୁର ଶାଖାରେ ଏପରି ହୋଇଥିବା ମହିଳା ଗୋଷ୍ଠୀ ସିଧାସଳଖ ଅଭିଯୋଗ କରିଛନ୍ତି।

ଆନନ୍ଦପୁର ପୌରାଞ୍ଚଳ ୧୫ନମ୍ବର ୱାର୍ଡ ଘସିପୁରା(ମୁରାବାଲି)ର ଜୟ ହନୁମାନ ସ୍ୱୟଂ ସହାୟକ ଗୋଷ୍ଠୀର ଜମାଖାତା ବ୍ୟାଙ୍କ ଅଫ୍ ବରୋଦାରେ ଖୋଲାଯାଇଛି। ବ୍ୟାଙ୍କର ସଦସ୍ୟାମାନେ ୨୦୨୧ ନଭେମ୍ବର ୧୬ରେ ୨ ଲକ୍ଷ ଟଙ୍କା ଋଣ ଆଣିଥିବାବେଳେ ପରବର୍ତ୍ତୀ ସମୟରେ ପରିଶୋଧ କରିଥିଲେ। ପରେ ୨୦୨୩ ମେ ୪ତାରିଖରେ ୫ଲକ୍ଷ ଟଙ୍କା ଋଣ କରିଥିଲେ। ମାସକୁ ୧୫ ହଜାର ଟଙ୍କା କିସ୍ତି ନିୟମିତ ପୈଠ କରାଯାଉଥିବାବେଳେ ଆଉ ୭୨ହଜାର ଟଙ୍କା ବକେୟା ରହିଛି। ତେବେ ଗତ ମାର୍ଚ୍ଚ ୩୧ରେ ହଠାତ୍ ଅଧିକ ୧୪ ହଜାର ୮୪୪ ଟଙ୍କା ସୁଧ ଭିଡ଼ାଯାଇଛି। ଏହାକୁ ନେଇ ମହିଳା ଗୋଷ୍ଠୀର ସଭାପତି ରେଣୁବାଳା ସାହୁ, ସମ୍ପାଦକ ଝରଣା ବାରିକ ଓ ସଦସ୍ୟାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ସଦସ୍ୟମାନେ ପରିଚାଳକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।

**● ମହିଳା ଗୋଷ୍ଠୀଙ୍କ ଅସନ୍ତୋଷ**

ଏପରିକି ଗୋଷ୍ଠୀର ଅଭିଯୋଗପତ୍ରକୁ ମଧ୍ୟ ବ୍ୟାଙ୍କ ଗ୍ରହଣ କରିନାହିଁ। ଏଭଳି ଅନ୍ୟ କେତେକ ଗୋଷ୍ଠୀର ଋଣ ଉପରେ ହଠାତ୍ ସୁଧ ଭିଡ଼ା ଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ମହିଳମାନେ ଏନେଇ କେନ୍ଦୁଝର ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇବେ ବୋଲି କହିଛନ୍ତି। ବ୍ୟାଙ୍କ ପରିଚାଳକ ଦେବାଶିଷ ପାଗଳଙ୍କ ସହିତ ଯୋଗଯୋଗ କରିଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୨୬।୪(ସମିସ): ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ବ୍ଲକ ଶଙ୍ଖୁଆ ଗ୍ରାମର ଗାଁମୁଣ୍ଡରେ ଥିବା ଏକ ଆମ୍ବ ଗଛରୁ ରବିବାର ସକାଳୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଗ୍ରାମର ରାଜେନ୍ଦ୍ର ନାଏକଙ୍କ ପୁଅ ସୌମ୍ୟରଞ୍ଜନ (୨୬)। ସେ ମାନସିକ ଭାରସାମ୍ୟ ହରାଇ ନିଜେ ପିନ୍ଧିଥିବା ଲୁଙ୍ଗି ସାହାଯ୍ୟରେ ଝୁଲି ପଡ଼ି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଗଛରୁ ସକାଳୁ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ୧୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ପୂର୍ବତନ ସେନା କର୍ମଚାରୀଙ୍କ ଘରୁ ଲୁଟ୍



ଆନନ୍ଦପୁର, ୨୬।୪ (ସମିସ): ଆନନ୍ଦପୁର ବ୍ରିଜ ଛକସ୍ଥିତ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପ ନିକଟରେ ରହୁଥିବା ପୂର୍ବତନ ସେନା କର୍ମଚାରୀ ମୁରଲୀଧର ମିଶ୍ରଙ୍କ ଘର ଝରକା ଗ୍ରିଲ ଭାଙ୍ଗି ଦୁର୍ବୃତ୍ତମାନେ ସମସ୍ତ ଆସବାବପତ୍ର ଲୁଟି ନେଇଛନ୍ତି। ଶ୍ରୀ ମିଶ୍ର ଅସୁସ୍ଥ ଥିବାରୁ ଭୁବନେଶ୍ୱରରେ ଚିକିତ୍ସିତ ହେବା ପାଇଁ ଯାଇଥିବାବେଳେ ଅନୁପସ୍ଥିତର ସୁଯୋଗ ନେଇ ଗତ ଶନିବାର ରାତିରେ ଦୁର୍ବୃତ୍ତମାନେ ଶୋଇବା ଘରେ ଥିବା ଦୁଇଟି ଷ୍ଟିଲ ଆଲମିରା ଡ୍ରେସିଂ ଟେବୁଲ ଲକର ଭାଙ୍ଗି ଲୁଟିନେଇଥିବା ଆଜି ସକାଳୁ ଜଣାପଡ଼ିଛି।

## ମେଧା ପରୀକ୍ଷାରେ ଛାତ୍ରଙ୍କ ସଫଳତା



ତୁରୁମୁଙ୍ଗା, ୨୬।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସପ୍ତମ ଶ୍ରେଣୀ ଛାତ୍ର କାବେଁଶ ବେହେରା ଶିକ୍ଷା ବିକାଶ ସମିତି, ଓଡ଼ିଶା ଦ୍ୱାରା ଆୟୋଜିତ ଶିକ୍ଷାବର୍ଷ ୨୦୨୫-୨୬ ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ପ୍ରଥମ ସ୍ଥାନ ସହ ପ୍ରାଦେଶିକ ମେଧା ପରିକ୍ଷାରେ ୭ମ ସ୍ଥାନ ଅଧିକାର କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଛାତ୍ରଙ୍କ ସଫଳତା ପାଇଁ ବାପାମାଆଙ୍କ ସହ ବିଦ୍ୟାମନ୍ଦିରର ଗୁରୁଜୀଗୁରୁମା, ବିଦ୍ୟାଳୟ ପରିଚାଳନା ସମିତି ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।




### ଦୁର୍ଗମ ଅଞ୍ଚଳର ଗାଁ ଟିକିରା

# ମନ ମୋହୁଛି ଘରର ସୁନ୍ଦର କାନ୍ଥଚିତ୍ର



ଆନନ୍ଦପୁର,୨୬।୪ (ସମିସ): ଗାଁର ସମସ୍ତଙ୍କ ଘର କାନ୍ଥରେ ଭଳିକି ଭଳି ଚିତ୍ର; ଯାହା ରାସ୍ତାରେ ଯାଉଥିବା ଲୋକଙ୍କୁ ଘଡ଼ିଏ ଅଟକିବା ପାଇଁ ବାଧ କରୁଛି। ନିଆରା ପରମ୍ପରା ଓ ଘର ସାଜସଜ୍ଜାର ସ୍ୱାତନ୍ତ୍ର ପାଇଁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍‌ର ଆଦିବାସୀ ବହୁଳ କୋଳିମାଟି ପଞ୍ଚାୟତ ଟିକିରା ଗ୍ରାମ ଚର୍ଚ୍ଚାରେ ରହିଛି। ହେଲେ ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳକୁ ବାତାନୁକୂଳ ଗାଡ଼ିରେ ବୁଲୁଥିବା ସରକାରୀ ବାବୁଙ୍କର ନଜର ପଡ଼େନି; ଯା'ଦ୍ୱାରା ଗ୍ରାମବାସୀ ମୂଳତଃ ସରକାରୀ ସୁବିଧା ସୁଯୋଗ ବିଷୟରେ ଅଜ୍ଞ ରହିଛନ୍ତି। ମୁଷଳ ନଦୀକୂଳରେ ପାହାଡ଼ ତଳେ ଅବସ୍ଥିତ ଟିକିରା ଗ୍ରାମରେ ୧୦୦ରୁ ଅଧିକ ପରିବାର ବାସ କରୁଛନ୍ତି। ଅଧିକାଂଶ ଜନଜାତି ସଂପ୍ରଦାୟର ଗ୍ରାମବାସୀ ଚାଷ ସାଙ୍ଗକୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଜୀବିକା ନିର୍ବାହ କରୁଛନ୍ତି। ମକା ଓ ବାଇଗଣ ଚାଷ ଲୋକଙ୍କ ଆର୍ଥିକ ସ୍ଥିତିକୁ ମଜଭୁତ୍ କରିଛି। ଚାଷବାସ କରିବା ଛଡ଼ା ଏଠିକାର ଜନସାଧାରଣଙ୍କ ପାଖରେ ସରକାରଙ୍କ ବହୁମୁଖୀ ଯୋଜନା ଅପହଞ୍ଚ ରହିଛି। ୬ ବର୍ଷ ତଳେ 'ସାପଘର' ଜଳପ୍ରପାତ ସମ୍ପର୍କରେ ଖବର ପ୍ରକାଶ ପାଇଥିଲା। ପରେ ଟିକିରା ଗ୍ରାମ ଏବେ ପର୍ଯ୍ୟଟକଙ୍କ ନଜରରେ ରହିଛି। ଗାଁର ସବୁ ଘର କାନ୍ଥରେ ହୋଇଥିବା ଚିତ୍ର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରୁଛି। ଗ୍ରାମରେ ପ୍ରତିବର୍ଷ ତାଳପକା ପର୍ବ ଅନୁଷ୍ଠିତ ହେଉଛି। ଏହା ପୂର୍ବରୁ ଘର କାନ୍ଥକୁ ଲିପାପୋଛା କରାଯାଇ ବିଭିନ୍ନ ଚିତ୍ର କରାଯାଇଥାଏ। ଚିତ୍ର ମଝିରେ ବିଭିନ୍ନ ଆକାରର କାଚ ଲଗାଯାଇଛି; ଯାହା ଅତ୍ୟନ୍ତ ଆକର୍ଷଣୀୟ ଓ ଚମତ୍କାର ହୋଇଛି। ସମସ୍ତଙ୍କ ଘର କାନ୍ଥର ଚିତ୍ର ଅଲଗା ରହିଛି। ଏହି ପରମ୍ପରା ବହୁ ବର୍ଷରୁ ଚାଲି ଆସିଥିବା ନେଇ ଗ୍ରାମର ଦୁଲାରାମ ମାରାଣ୍ଡି କହିଛନ୍ତି। ପୂର୍ବରୁ ଗାଉଁଲି ରଙ୍ଗରେ ଚିତ୍ର କରାଯାଉଥିଲା। ଏବେ ଘରେ ଦିଆଯାଉଥିବା ରଙ୍ଗ ଦୈତାରି ଅଞ୍ଚଳରୁ ଆସୁଥିବା ଗ୍ରାମର କନକଲତା ମାରାଣ୍ଡି, ଜବା ହାଁସଦା, ସୀତା ମୁର୍ମୁ, ଅନ୍ନପୂର୍ଣ୍ଣା ବାସ୍କେ, ପମାମଣି ବାସ୍କେ, ସୁକାନ୍ତି ମାରାଣ୍ଡି କହିଛନ୍ତି। ଏପରିକି ଚିତ୍ରାଙ୍କନରେ ବ୍ୟବହାର ହେଉଥିବା ଅନେକ ସାମଗ୍ରୀ ଅନ୍‌ଲାଇନ୍‌ରୁ କିଣୁଥିବା ମହିଳାମାନେ ପ୍ରକାଶ କରିଛନ୍ତି। କଳାକୃତି ମାଧ୍ୟମରେ ନିଜ ଗ୍ରାମ ତଥା ଘରକୁ ସୁନ୍ଦର ସାଜସଜ୍ଜାରେ ଆକର୍ଷଣୀୟ କରିବା ଭଳି ଏହି ମନୋବୃତ୍ତି ସେମାନଙ୍କ ଉତ୍ସାହକୁ ଦର୍ଶାଉଛି। ଏହି ଗାଁର ମୌଳିକ ବିକାଶ କରିବା ଦିଗରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କଲେ ଗାଁଲୋକଙ୍କୁ ଅଧିକ ପ୍ରୋତ୍ସାହନ ମିଳିପାରିବ।

## ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ବିଦ୍ୟାଳୟ ପ୍ରଧାନଶିକ୍ଷକ/ଶିକ୍ଷୟିତ୍ରୀଙ୍କ ବୈଠକ

# ଆଶ୍ରମ ସ୍କୁଲ ହଷ୍ଟେଲ ପରିଚାଳନା ଦାୟିତ୍ୱରୁ ଓହରିବେ



ବାରିପଦା, ୨୬ ।୪ (ସମିସ)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀ ଓ ସଂଘୀୟ କର୍ମକର୍ତ୍ତାଙ୍କୁ ନେଇ ମିଳିତ ବୈଠକ ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସଂଘର ସଭାପତି ଡିମ୍ପଲ ଦାସ ଅଧ୍ୟକ୍ଷତା କରିଥିଲେ। ନିକଟ ଅତୀତରେ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ଘଟିଥିବା ଦୁର୍ଘଟଣାରେ ଛାତ୍ରୀ ମୃତ ଘଟଣାର ପରବର୍ତ୍ତୀ ସମୟରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ମାନସିକ ଅବସ୍ଥା, ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ଡାକ୍ତରଖାନାରେ ବିଭିନ୍ନ ରାଜନୈତିକ ଦଳର ଜନପ୍ରତିନିଧିଙ୍କ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପ୍ରତି ଦାୟିତ୍ୱହୀନ ନିନ୍ଦନୀୟ ମନ୍ତବ୍ୟ, ହେଡକ୍ୱାଟର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନାଙ୍କ ଦ୍ୱାରା ଆହୂତ ଆଭାସୀ ବୈଠକରେ ଅବସର ଗ୍ରହଣ କରିବାକୁ ଯାଉଥିବା ପ୍ରଧାନଶିକ୍ଷକଙ୍କୁ ଶଳା, ଚୋର, ଜାତିଆଣ ମନ୍ତବ୍ୟକୁ ସମୂହ ଭାବେ ଦୃଢ ନିନ୍ଦା କରାଯାଇଛି। ପ୍ରଧାନଶିକ୍ଷକ/ପ୍ରଧାନଶିୟତ୍ରୀ ବିଦ୍ୟାଳୟରେ ଦୁର୍ବଳ ଭିତ୍ତିଭୂମି, ଅଧିକାଂଶ ବିଦ୍ୟାଳୟରେ ପର୍ଯ୍ୟାପ୍ତ ପାନୀୟ ଜଳର ଅଭାବ, ବିଶୃଙ୍ଖଳା ସୃଷ୍ଟିକାରୀ ସ୍ୱୟଂସହାୟିକା ଗୋଷ୍ଠୀକୁ ବିଦ୍ୟାଳୟରେ ଯୋଡିବା, ଶିକ୍ଷାଦାନ ବ୍ୟତୀତ ଶିକ୍ଷକଙ୍କୁ ଅନ୍ୟାନ୍ୟ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରିବା ଯୋଗୁଁ ମାନସିକ ଚାପର ବଶବର୍ତ୍ତୀ ହେଉଥିବାରୁ ସମସ୍ତ ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀ ସାମୂହିକ ଭାବେ ମେସ୍ ପରିଚାଳନା ଦାୟିତ୍ୱରୁ ଓହରିବା ଯିବାକୁ ସର୍ବସମ୍ମତି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ଜଣାଇବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ କୌଣସି ସହଯୋଗ କରୁ ନ ଥିବା ନେଇ ସଂଘ ଅସନ୍ତୋଷ ବ୍ୟକ୍ତ କରିଛି। ଖୁବ୍‌ଶୀଘ୍ର ଏହାର ଦୃଢ ପ୍ରତିବାଦପୂର୍ବକ ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀ ତଥା ବିଭାଗୀୟ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏକ ରାଲିରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ମେସ୍ ପରିଚାଳନା ଦାୟିତ୍ୱରୁ ଅବ୍ୟାହତି ପାଇଁ ସମୂହ ଇସ୍ତଫାପତ୍ର ପ୍ରଦାନ କରାଯିବା ସହ ହେଡକ୍ୱାଟର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନାଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସଂଘ ଦାବି ଉପସ୍ଥାପନ କରିବ ବୋଲି ସିଦ୍ଧାନ୍ତ ଗ୍ରହଣ କରିଛି।

ଆଜି ବୈଠକରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରଧାନଶିକ୍ଷକ ବଳରାମ ସ୍ୱାଇଁ, ଦୀପକ କୁମାର ଦଣ୍ଡପାଟ, ଦୀପ୍ତିକାନ୍ତ ଜେନା, ପ୍ରଶାନ୍ତ କୁମାର ସାହୁ, ଭବାନୀଶଙ୍କର ବେହେରା, ମନୋଜ କୁମାର ପତି, ରବିକାନ୍ତ ମିଶ୍ର, ସୁକେଶ କୁମାର ବେହେରା ଓ ସଂଘର ପ୍ରମୁଖ କର୍ମକର୍ତ୍ତା ଯୋଗଦେଇ ଆଗାମୀ ଦିନରେ ସଂଘର କାର୍ଯ୍ୟପନ୍ଥା କିଭଳି ରହିବ, ସେ ନେଇ ନିଜ ନିଜର ମତ ରଖିଥିଲେ। ସାଧାରଣ ସମ୍ପାଦକ ଦୀପକ କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ସଂଘର ସମସ୍ତ କର୍ମକର୍ତ୍ତା ଯୋଗଦେଇ ଏହାକୁ ସଫଳ କରିଥିଲେ। ବୈଠକ ଆରମ୍ଭରେ ପ୍ରଧାନଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀ କାକବନ୍ଧ ଆଶ୍ରମ ବିଦ୍ୟାଳୟର ମୃତ ଛାତ୍ରୀ ରୂପାଲୀର ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଏକ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଉପସଭାପତି ସୂର୍ଯ୍ୟକୁମାର ଦେବପାତ୍ର ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ କର୍ତ୍ତୃପକ୍ଷଙ୍କୁ କଲେ ନିନ୍ଦା**

**ଅବସର ନେବାକୁ ଥିବା ପ୍ରଧାନଶିକ୍ଷକଙ୍କୁ ଶଳା, ଚୋର, ଜାତିଆଣ ମନ୍ତବ୍ୟକୁ ନେଇ ଝଡ଼**

ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ (ମୁଖ୍ୟାଳୟ) ଅଜୟ କୁମାର ଜେନା ସଂଘ ପକ୍ଷରୁ ଆସିଥିବା ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ସେ କାହାକୁ ଗାଳି ଦେଇନାହାନ୍ତି ବୋଲି କହିଥିବାବେଳେ ଓଲଟା ଉପରିସ୍ଥ କର୍ତ୍ତୃପକ୍ଷ ଓ ନେତାଙ୍କ ପାଖରୁ ଶରବ୍ୟ ହେଉଛନ୍ତି ବୋଲି କହିଛନ୍ତି। କରଞ୍ଜିଆ ବ୍ଲକର କେନ୍ଦୁମୁଣ୍ଡି ସ୍କୁଲ ହଷ୍ଟେଲରେ ୧୮ ତାରିଖ ପର୍ଯ୍ୟନ୍ତ ପିଲାଙ୍କୁ ତେଲ ଓ ସାବୁନ ଦିଆଯାଇ ନ ଥିବା ଓ ଟିଜିଟି ଶିକ୍ଷକ ଶିକ୍ଷୟିତ୍ରୀ ଅଷ୍ଟମରୁ ଦଶମ ପିଲାମାନଙ୍କୁ ଗଣିତ, ବିଜ୍ଞାନ ପଢ଼ାଇବା ବଦଳରେ ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଦାୟିତ୍ୱ କିପରି ନେବେ, ସେଥିପାଇଁ ଯୋଜନାରେ ରହୁଛନ୍ତି। ଏସବୁକୁ ବିରୋଧ କରିବାରୁ ଅଭିଯୋଗ କରିଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି। ତେବେ ଶ୍ରୀ ଜେନାଙ୍କ ପ୍ରତିକ୍ରିୟାରେ ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ବିଭାଗୀୟ ଶିକ୍ଷା ବ୍ୟବସ୍ଥାର ନଗ୍ନରୂପ ପଦାକୁ ଆସିଛି।

## ସରିଛି ପୁନରୁଦ୍ଧାର

# ଖୋଲୁନି ଖିଚିଂର ଶତାୟୁ ସଂଗ୍ରହାଳୟ; ସାଧାରଣରେ ଅସନ୍ତୋଷ



**ଖିଚିଂ, ୨୬ ।୪(ସମିସ):** ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ଆଧ୍ୟାତ୍ମିକ ପୀଠ ଖିଚିଂସ୍ଥ ଅଧିଷ୍ଠାତ୍ରୀ ଦେବୀ ମା’ କିଚକେଶ୍ୱରୀଙ୍କ ମନ୍ଦିର ବେଢ଼ାରେ ଭଞ୍ଜ ରାଜବଂଶର ଗୁଣଗ୍ରାହୀ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପୃଷ୍ଠପୋଷକତାରେ ୧୯୨୨ରେ ସ୍ଥାପିତ ହୋଇଥିଲା ଜିଲ୍ଲା ତଥା ରାଜ୍ୟର ଦ୍ୱିତୀୟ ପ୍ରତ୍ନତାତ୍ତ୍ୱିକ ସଂଗ୍ରହାଳୟ। ଏଥିରେ କଳା ମୁଗୁନି ପ୍ରସ୍ତରରେ ନିର୍ମିତ ବିଭିନ୍ନ ଦେବଦେବୀ ପ୍ରତୀମା, କାରୁକାର୍ଯ୍ୟ ବିମଣ୍ଡିତ ପ୍ରସ୍ତର ଖଣ୍ଡ, ପ୍ରବେଶ ଦ୍ୱାର, ମନ୍ଦିରର ଖଣ୍ଡିତ ଅଂଶ ସମେତ ତାମ୍ରପଟ୍ଟା, ମୃଣ୍ମୟ ପାତ୍ର, ପ୍ରାଗ୍ ଐତିହାସିକ ଯୁଗର ଅସ୍ତ୍ରଶସ୍ତ୍ର ପ୍ରଭୃତି ସଂରକ୍ଷିତ କରାଯାଇଛି। ଏହି ସଂଗ୍ରହାଳୟ ପ୍ରତିଷ୍ଠାର ୧୦୪ ବର୍ଷ ସମୟ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ସ୍ଥାନାଭାବରୁ ଦୀର୍ଘଦିନ ଧରି ଅନେକ କୀର୍ତ୍ତିରାଜି ସଂଗ୍ରହାଳୟ ବାହାରେ ଅସୁରକ୍ଷିତ ଅବସ୍ଥାରେ ପଡ଼ିରହିଛି। ତେବେ ପୂର୍ବ ରାଜ୍ୟ ସରକାରଙ୍କ ‘୫-ଟି’ ଯୋଜନାରେ ଏହି ଅବହେଳିତ ସଂଗ୍ରହାଳୟର ଆବଶ୍ୟକ ମରାମତି ଓ ପୁନରୁଦ୍ଧାର ନିମନ୍ତେ ୧, ୧୪, ୩୫୦୦୦ ଟଙ୍କା ବ୍ୟୟ ଅଟକଳରେ ୨୦୨୩-୨୪ ମସିହାରେ ଜଣେ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅହେତୁକ ବିଳମ୍ବରେ କିଛିମାସ ହେବ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଛି। ଏହା ସର୍ବସାଧାରଣଙ୍କ ପରିଦର୍ଶନ ପାଇଁ ଖୋଲା ନ ହେବା ପଛରେ କାହାର କ’ଣ ସ୍ୱାର୍ଥ ରହିଛି, ଅଥବା କାହାର କ’ଣ କ୍ଷତି ହେଉଛି ଏହାକୁ ସ୍ଥାନୀୟ ବୁଦ୍ଧିଜୀବୀ ନିର୍ଣ୍ଣୟ କରିପାରୁନାହାନ୍ତି। ଅନ୍ୟପକ୍ଷରେ ପ୍ରକଳ୍ପ କାର୍ଯ୍ୟ ଆଳରେ ବର୍ଷ ବର୍ଷ ଧରି ମ୍ୟୁଜିୟମ ବନ୍ଦ ରହିବା ଯୋଗୁଁ ପ୍ରତିଦିନ ଶହ ଶହ ଦର୍ଶନାଭିଳାଷୀ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ମ୍ୟୁଜିଅମ ପରିଦର୍ଶନରୁ ବଞ୍ଚିତ ହେଉଥିବା ଯୋଗୁଁ ସେମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ବହୁ ବର୍ଷଧରି ମ୍ୟୁଜିୟମର ପରିଚାଳନା ପାଇଁ ଖାଲିଥିବା ପଦବୀ ପୂରଣ କରା ନ ଯାଇ ମାତ୍ର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ (ରାତ୍ର ଜଗୁଆଳୀ)ଙ୍କ ହସ୍ତରେ ସମସ୍ତ ଦାୟିତ୍ୱ ନ୍ୟସ୍ତ କରାଯିବା କେତେଦୂର ଯୁକ୍ତିସମ୍ମତ, ତାହା ବିଚାରଯୋଗ୍ୟ ଅଟେ। ସ୍ଥାନୀୟ ପ୍ରଶାସନ ଓ ସଂସ୍କୃତି ବିଭାଗ ଏହି ପୁରାତନ କୀର୍ତ୍ତି ବିମଣ୍ଡିତ ସଂଗ୍ରହାଳୟକୁ ଅବିଳମ୍ବେ ଖୋଲିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ ଜଳଛତ୍ର

**ବାରିପଦା, ୨୬ ।୪(ସମିସ):** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ଲୋକଙ୍କୁ ଆଶ୍ୱସ୍ତି ଦେବା ଉଦ୍ଦେଶ୍ୟରେ ମହାରାଜପୁରସ୍ଥ ମୟୂରଭଞ୍ଜ କଲେଜ ଅଫ ଆସିକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ସେବା ଯୋଜନା ୟୁନିଟ ଦ୍ୱାରା ଏକ ଜଳଛତ୍ର କେନ୍ଦ୍ର ମହାରାଜପୁର ଛକରେ ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମ ଜାତୀୟ ସେବା ଯୋଜନା ୟୁନିଟ୍ ଓ ଯୁବ ରେଡ୍‌କ୍ରସ୍ ୟୁନିଟ୍‌ର ମିଳିତ ସହଯୋଗରେ ଆୟୋଜିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟାପକ, ଅଧ୍ୟାପିକା, ଯୁବ ରେଡ୍‌କ୍ରସ କାଉନସିଲର ଓ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଫିସର ତଥା ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପିକା ସୁଶ୍ରୀ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଅଧ୍ୟକ୍ଷ ଜ୍ଞାନରଞ୍ଜନ ପଣ୍ଡା ଉଦଘାଟନ କରିବା ସହ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ଏହି ଉଦ୍ୟମ ପାଇଁ ପ୍ରଶଂସା କରିଥିଲେ। ଯୁବ ରେଡ୍‌କ୍ରସ୍ କାଉନସେଲର ଓ ଅନ୍ୟ ଅଧ୍ୟାପକମାନେ ମଧ୍ୟ ଉପସ୍ଥିତ ରହି ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିନରେ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ପଥଚାରୀ ଓ ସ୍ଥାନୀୟ ବାସିନ୍ଦାଙ୍କୁ ଥଣ୍ଡା ପାନୀୟଜଳ ଓ ସରବତ ବଣ୍ଟନ କରିବା ସହ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସମସ୍ତଙ୍କୁ ସଚେତନ କରିଥିଲେ।



# ସାର୍ନା ଧର୍ମକୁ ଫେରିଲେ ୬ ପରିବାର



**ଠାକୁରମୁଣ୍ଡା, ୨୬।୪(ସମିସ):** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ କେଶଡିହା ପଞ୍ଚାୟତର ବଡବାଲିପଷି ଗ୍ରାମ ନିକଟସ୍ଥ କାର୍କାଟବେଡା ଗ୍ରାମର ୬ଟି ପରିବାରର ୨୯ ଜଣ ସଦସ୍ୟ ରବିବାର ଦିନ ଖ୍ରୀଷ୍ଟଧର୍ମ ତ୍ୟାଗ କରି ନିଜ ପୂର୍ବ ପୁରୁଷଙ୍କ ଧର୍ମ ସାର୍ନା ଧର୍ମକୁ ଫେରିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। କାର୍କାଟବେଡା ଗ୍ରାମର ୬ଟି ପରିବାର କିଛି ବର୍ଷ ପୂର୍ବରୁ ସାର୍ନା ଧର୍ମ ତ୍ୟାଗ କରି ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଥିଲେ। ପରେ ସେମାନେ ନିଜ ପୂର୍ବପୁରୁଷଙ୍କ ପରମ୍ପରା, ରୀତିନୀତି ଓ ସଂସ୍କୃତିକୁ ଆପଣାଇବା ପାଇଁ ପୁନର୍ବାର ସାର୍ନା ଧର୍ମକୁ ଫେରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏ ଅବସରରେ ମାଝୀ ବାବା ଜିତରାୟ ମୁର୍ମୁଙ୍କ ନେତୃତ୍ୱରେ ଓ ନାଏକେ ବାବା ଜିତରାୟ ମୁର୍ମୁଙ୍କ ଦ୍ୱାରା ସାନ୍ତାଳୀ ପରମ୍ପରା ଅନୁଯାୟୀ ବିଧିବଦ୍ଧ ପୂଜାପାଠ ଓ ଧାର୍ମିକ ଆଚାର ଅନୁଷ୍ଠିତ ହୋଇଥିଲା। ପୂଜାପାଠ ଶେଷରେ ୨୯ ଜଣ ସଦସ୍ୟଙ୍କୁ ପୁନର୍ବାର ସାର୍ନା ଧର୍ମରେ ସ୍ୱାଗତ କରାଯାଇଥିଲା। ସାର୍ନା ଧର୍ମକୁ ଫେରିଥିବା ପରିବାରଙ୍କ ମଧ୍ୟରେ ମେଘରାୟ ମୁର୍ମୁ, ବସେନ ମୁର୍ମୁ, ସାଲୁ ମୁର୍ମୁ, ଜିତରାୟ ମୁର୍ମୁ, ଦୁର୍ଗା ସୋରେନ, ରେଙ୍ଗ ସୋରେନ ଓ ସେମାନଙ୍କ ପରିବାର ସଦସ୍ୟ ରହିଥିବା ଜଣାପଡ଼ିଛି। ଏହି ଧାର୍ମିକ କାର୍ଯ୍ୟକ୍ରମରେ ଗ୍ରାମର ପାର୍ଗିକ ଜୟରାମ ସୋରେନ, ଜଗ ଲକ୍ଷ୍ମଣ ସୋରେନ, ରତନ ପିଳ ପାର୍ଗାନା ସୀତାରାମ ହେମ୍ବ୍ରମ, ମାଙ୍ଗାତ ମୁର୍ମୁଙ୍କ ସହ ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଫେରିଥିବା ପରିବାରମାନଙ୍କୁ ଅଭିନନ୍ଦନ ଜଣାଇ ସାମାଜିକ ଏକତା ଓ ପରମ୍ପରାର ସୁରକ୍ଷା ପାଇଁ ସମସ୍ତଙ୍କୁ ଏକତ୍ର ରହିବାକୁ ଆହ୍ୱାନ କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ସାର୍ନା ଧର୍ମ, ସାନ୍ତାଳୀ ପରମ୍ପରା ଓ ସଂସ୍କୃତି ପ୍ରତି ଲୋକଙ୍କ ଆସ୍ଥା ଆହୁରି ମଜବୁତ ହୋଇଥିବା ଜଣାପଡୁଛି।

# ଶିଳଦା ଗାଁରେ ଶିବମନ୍ଦିର ପ୍ରତିଷ୍ଠା

## ଶିଳେଶ୍ୱର ନାମରେ ପୂଜା ପାଇବେ ମହାଦେବ

**ମୋରଡ଼ା, ୨୬।୪(ସମିସ):** ମୋରଡା ବ୍ଲକ ସଦର ମହକୁମା ଚିତ୍ରଡାରେ ଥିବା ଶିଳଦା ଗାଁ ତଥା ଜମ୍ବିରା ନଦୀ କୂଳରେ ନୂତନ ଶିବମନ୍ଦିର ନିର୍ମାଣ କରାଯାଇ ବାବା ଶ୍ରୀଶିଳେଶ୍ୱର ମହାଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ କରାଯାଇଛି। ଏ ଅବସରରେ ଗତ ୨୧ ତାରିଖ ମଙ୍ଗଳବାରଠାରୁ ବିଧି ଅନୁଯାୟୀ ଅଙ୍କୁରାରୋପଣ, ପଞ୍ଚଗବ୍ୟ, କୁଣ୍ଡମଣ୍ଡଳ କରଣ ଓ ଅଧିବାସ ଆରମ୍ଭ କରାଯାଇଥିଲା। ବୁଧବାର ସକାଳୁ ଜଳଯାତ୍ରା, ଶିଖର ସ୍ନାନ କରି ଠାକୁରଙ୍କୁ ସ୍ନାନ ମଣ୍ଡପକୁ ବିଜେ କରାଯାଇଥିଲା। ଗୁରୁବାର ଠାକୁରଙ୍କ ସିଂହାସନକୁ ବିଜେ ଓ ପ୍ରାଣ ପ୍ରତିଷ୍ଠା ବିଧି କରାଯାଇଥିଲା। ଶୁକ୍ରବାର ଶିବଙ୍କ ୧୦୦୮ ଆହୁତି ପରେ ପୂର୍ଣ୍ଣାହୁତି ସହିତ ଅଷ୍ଟପ୍ରହରୀ ନାମ ଆରମ୍ଭ କରାଯାଇ ଶନିବାର ଦିନ ଦଧିଭଞ୍ଜନ ଓ ନାମ ସମାପନ କାର୍ଯ୍ୟକ୍ରମ ସମାପ୍ତ ହୋଇଛି। ତେବେ ପ୍ରଥମେ ଶିଳଦା ଗ୍ରାମର ଅବସରପ୍ରାପ୍ତ ପୋଲିସ ଅଧିକାରୀ ରୋହିତାଶ୍ୱ ବେହେରାଙ୍କ ପ୍ରଚେଷ୍ଟା ଓ ଅନୁଦାନରେ ଶିବମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଆଖପାଖ ଅଞ୍ଚଳରେ ବହୁ ମହିଳା ଭକ୍ତ କଳସ ଶୋଭାଯାତ୍ରାରେ ଆସି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସାମିଲ୍ ହୋଇଥିଲେ। ବାରିପଦା ଜଗନ୍ନାଥ ମନ୍ଦିରର ପୂଜକ ଶଙ୍କର ତ୍ରିପାଠୀ ଓ ତାଙ୍କର ସହଯୋଗୀ ପୂଜକଙ୍କ ଦ୍ୱାରା ମନ୍ଦିର ପ୍ରତିଷ୍ଠା କର୍ମ କରାଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି କାଳୀପଦ ବେହେରା ଓ ସମ୍ପାଦକ ରଞ୍ଜନ ବେହେରା(କାବୁ)ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଞ୍ଚଦିନ ଧରି ପ୍ରତିଷ୍ଠା ଉତ୍ସବ ଆୟୋଜନ କରାଯାଇଥିଲା। ମନ୍ଦିର କମିଟି ତରଫରୁ ପ୍ରତିଷ୍ଠା ଦିନ ଶ୍ରଦ୍ଧାଳୁ ଭକ୍ତଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ତେବେ କମିଟିର ସଦସ୍ୟ କମଳଲୋଚନ ବେହେରା, ଜନ୍ମେଜୟ ବେହେରା, ନିର୍ମଳ ବେହେରା, ଶରଣ ବେହେରା, ମନୋଜ ବେହେରା, ଶାନ୍ତନୁ ବେହେରା, ମନୋରଞ୍ଜନ ବେହେରା, ସନ୍ତୋଷ ବଡମାଝୀ ଓ ସୁବୋଧ ବେହେରା ପ୍ରମୁଖ ସହଯୋଗ କରିଥିଲେ।



# ସାପ କାମୁଡ଼ାରେ ମହିଳା ମୃତ

**ରାଇରଙ୍ଗପୁର/ଗୋରୁମହିଷାଣୀ, ୨୬।୪ (ସମିସ):** ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ମଢେଇକଚା ଖେଜୁରିଆ ଗ୍ରାମର ଗଙ୍ଗାମଣୀ ଟୁଡୁ (୨୬)। ରବିବାର ପୂର୍ବାହ୍ନରେ ଘରେ କାମ କରୁଥିଲେ। ଏ ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଗାଡ଼ି ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

**ରାଇରଙ୍ଗପୁର/କରଞ୍ଜିଆ, ୨୬।୪(ସମିସ):** ସାପ୍ତାହିକ ହାଟରୁ ଫେରୁଥିବାବେଳେ ଅଜଣା ଗାଡ଼ି ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଯଶିପୁର ଥାନା ଅନ୍ତର୍ଗତ ଟଙ୍ଗାବିଲା ଅଞ୍ଚଳର ଲକ୍ଷ୍ମୀ କାରୁଆ(୭୦)। ସେ ଯଶିପୁର ସାପ୍ତାହିକ ହାଟରେ ଦୋକାନ କରି ସାମଗ୍ରୀ ବିକ୍ରି କରନ୍ତି। ହାଟ ସାରି ଘରକୁ ପ୍ରତ୍ୟାବର୍ତ୍ତନ କରୁଥିବାବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚମ୍ପଟ ମାରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକଙ୍କ ଅଭିଯୋଗକ୍ରମେ ଯଶିପୁର ଥାନାରେ ମାମଲା ରୁଜୁ କରାଯାଇଛି। ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ତଦନ୍ତ ଜାରି ରହିଛି।

# ବଡ଼ସାହି ବ୍ଲକ୍ ସରକାରୀ ଠିକାଦାର ସଂଘ ଗଠିତ



**ବଡ଼ସାହି/ମାଣତ୍ରୀ, ୨୬ ।୪(ସମିସ):** ବଡ଼ସାହି ବ୍ଲକର ସମସ୍ତ ସରକାରୀ ସ୍ୱୀକୃତିପ୍ରାପ୍ତ ଠିକାଦାର ୦.୧୦ ପ୍ରତିଶତଠାରୁ ଅଧିକ ଲେସ୍ ଟେଣ୍ଡର ପକାଇବେ ନାହିଁ କିମ୍ବା ବାହାର ଜିଲ୍ଲାରୁ ଠିକାଦାରଙ୍କୁ କାମ କରିବାକୁ ଦେବେ ନାହିଁ ବୋଲି ମିଳିତ ଭାବେ ଚୂଡ଼ାନ୍ତ ନିଷ୍ପତ୍ତି ନେଇଛନ୍ତି। ବଡ଼ସାହିସ୍ଥ ତାରିଣୀ ଗେଷ୍ଟ ହାଉସରେ ଅନୁଷ୍ଠିତ ବୈଠକରେ ରବିବାର ନୂତନ ବ୍ଲକ ସଂଘ ଗଠନ କରାଯାଇଛି। ସମସ୍ତ ଠିକାଦାରଙ୍କ ସହମତି କ୍ରମେ ସଭାପତି ଭାବେ ପରେଶ ଚନ୍ଦ୍ର ଦଳେଇ, ସମ୍ପାଦକ ଶାନ୍ତନୁ ସିଂ, ଉପଦେଷ୍ଟା ଭାବେ ତାପସ କୁମାର ନାୟକ, ପ୍ରବୀର ସାହୁ, ପ୍ରଦୀପ ମହାନ୍ତି ଓ କୋଷାଧ୍ୟକ୍ଷ ଭାବେ ଗୌତମ ମହାକୁଡ଼ ମନୋନୀତ ହୋଇଛନ୍ତି। ଏଥିରେ ମୟୂରଭଞ୍ଜ ଜିଲ୍ଲା ସଂଘ କାର୍ଯ୍ୟକର୍ତ୍ତା ନନ୍ଦଲାଲ ମିଶ୍ର, ପ୍ରଦୀପ କୁମାର ପାତ୍ର, ସନ୍ଦୀପ କୁମାର ପତି ତଥା ଅନ୍ୟାନ୍ୟ ପ୍ରମୁଖ ଠିକାଦାର ଉପସ୍ଥିତ ରହି ଠିକାଦାରଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଓ ଏକତା ବଜାୟ ରହିଲେ ଜିଲ୍ଲା ସଂଘ ସବୁ ସମୟରେ ସାହାଯ୍ୟ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯଦି କେହି ଠିକାଦାର ସଂଘ ନିଷ୍ପତ୍ତିକୁ ଅମାନ୍ୟ କରନ୍ତି, ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ସଭାପତି ଚେତାବନୀ ଦେଇଛନ୍ତି। ବିଶ୍ୱଜିତ୍ ଦାସ ବୈଠକ ପରିଚାଳନା କରିଥିବାବେଳେ ଆୟୋଜକ ଭାବେ ଲକ୍ଷ୍ମୀନାରାୟଣ ସେନାପତି ଓ ବାପୁନ୍ ପାତ୍ର ସହଯୋଗ କରିଥିଲେ। ସରକାର ଫେବୃଆରୀ ମାସରେ ଶତକଡ଼ା ଲେସ୍ ଧାର୍ଯ୍ୟକୁ ଉଚ୍ଛେଦ କରି ଅନଲିମିଟେଡ୍ କରିଛନ୍ତି। ଯଦ୍ୱାରା ଠିକାଦାର କାମ ପାଇବା ପାଇଁ ଅତ୍ୟଧିକ କମ୍ ଦରରେ ଚୁକ୍ତି କରୁଛନ୍ତି। ଏଭଳି ହେଲେ କାର୍ଯ୍ୟର ମାନଦଣ୍ଡ ନିଶ୍ଚିତ ଭାବେ ଖରାପ ହେବ। ଏହାକୁ ବିରୋଧ କରି ପୂର୍ବରୁ ଅଲ୍ ଓଡ଼ିଶା ମିଳିତ ଠିକାଦାର ସଂଘ ଲୋୟର ପିଏମ୍‌ଜିରେ ଗଣଧାରଣା ଦେଇଥିଲା। ପରେ ରାଜ୍ୟ ସରକାର ଏଥିପାଇଁ ନିଷ୍ପତ୍ତି ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ସେଥି ପାଇଁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ଠିକାଦାର ନିଜ ନିଜ ଜିଲ୍ଲା ଓ ବ୍ଲକରେ କମିଟି ଗଠନ କରି ଏହି ନିୟମକୁ ପ୍ରତିବାଦ କରୁଛନ୍ତି।

## ରାଜ୍ୟସ୍ତରୀୟ ଭଲିବଲ ଚାମ୍ପିଅନସିପ୍

# ବାଲେଶ୍ୱରକୁ ହରାଇ ମୟୂରଭଞ୍ଜ ପୁଲିସ ଦଳ ଚାମ୍ପିଅନ

ବାରିପଦା, ୨୬ ।୪(ସମିସ)



ବାଲେଶ୍ୱର ପୁଲିସ ପଡ଼ିଆରେ ଅନୁଷ୍ଠିତ ୬୮ତମ ରାଜ୍ୟସ୍ତରୀୟ ଭଲିବଲ ଚାମ୍ପିଅନସିପରେ ମୟୂରଭଞ୍ଜ ପୁଲିସ ଦଳ ଚାମ୍ପିଅନ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛି। ଏହି ଚାମ୍ପିଅନସିପରେ ୨୮ ଟି ଦଳ ଅଂଶଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚ୍‌ରେ ମୟୂରଭଞ୍ଜ ଦଳ ବାଲେଶ୍ୱରକୁ ୩-୦ ସେଟରେ ପରାସ୍ତ କରି ଚାମ୍ପିଅନ ହୋଇଛି। କ୍ୱାର୍ଟରଫାଇନାଲରେ ପୁରୀକୁ ୩-୦ ସେଟରେ ଓ ସେମିଫାଇନାଲ ମ୍ୟାଚ୍‌ରେ କମିଶନରେଟ୍ ପୁଲିସ ଭୁବନେଶ୍ୱରକୁ ୩-୨ ସେଟରେ ପରାସ୍ତ କରି ମୟୂରଭଞ୍ଜ ଫାଇନାଲରେ ପ୍ରବେଶ କରିଥିଲା। ଚାମ୍ପିଅନ ଭାବେ ଦଳକୁ ୩୦ ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ଅଧିନାୟକ ଲକ୍ଷ୍ମୀନାରାୟଣ ସାହୁ, ଫାଇନାଲରେ ଅଞ୍ଜନ ବେହେରା, ମିଲୁ ମହାନ୍ତ, ବିକାଶ ଗିରି, ଚନ୍ଦ୍ରବିନ୍ଦୁ ସେଠୀ ଓ ଜଗତଜୀବନ ସେଠୀ ପୁରସ୍କୃତ ହୋଇଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଦଳକୁ ନିଜ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଛନ୍ତି। ତତସହିତ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଜୟ ବାରିକ, ଦୀପକ ଗୋଚ୍ଛାୟତ, ସବିତା ମାଝୀ, ଗୌତମ କିସାନ, ଏସଡିପିଓ ପ୍ରଭାତ ମଲ୍ଲିକ, ଆରଆଇ ଆଲୋକ କୁମାର କାନୁନଗୋ ଓ ସର୍ଜଣ୍ଟ ଗୌତମ ପ୍ରଧାନ ପ୍ରମୁଖ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଏନଆଇଏସ କୋଚ ମନୋରଞ୍ଜନ ଜୀଉ, ବରିଷ୍ଠ କ୍ରୀଡ଼ାବିତ ଭାନୁପ୍ରତାପ ଭଞ୍ଜଦେଓ, ଦୀପକ କୁମାର ମୁଣ୍ଡା, ମୟୂରଭଞ୍ଜ ପୁଲିସ ସଂଘ ସଭାପତି ବିକାଶ କୁମାର ଗିରି, ସମ୍ପାଦକ ସ୍ୱରାଜ କୁମାର ରାଜ, ଟିମ ମ୍ୟାନେଜର କେ ବିଶ୍ୱନାଥ ରାଓ ଓ କୋଚ ରାଜେଶ ଦାସ, ପୂର୍ବତନ ଖେଳାଳି ଚନ୍ଦ୍ରମୋହନ ଦଳେଇ, ଅନୀଲ କୁମାର ସେଠୀ ଓ ରାଜେନ୍ଦ୍ର ନାଥ ନାଏକ ଦଳର ସଫଳତା ପାଇଁ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

